# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 08 March - 2025

**********************************

## ମୁଖ୍ୟ ସମ୍ବାଦ

- କର୍ମକ୍ଷେତ୍ରରେ ଅଧିକ ମହିଳାଙ୍କର ଯୋଗଦାନର ଆବଶ୍ୟକତା ରହିଛି; ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କହିଲେ, ରାଷ୍ଟ୍ରପତି
- ମହିଳାଙ୍କ ବିରୋଧରେ ଅପରାଧରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି; କହିଲେ, ମୁଖ୍ୟମନ୍ତ୍ରୀ

— ବ୍ରହ୍ମପୁରରେ ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଦାନ କଲେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ସହାୟତା ରାଶି

- ଦେଶରେ ଗଚ୍ଛିତ କଳାଧନର ସଂପର୍କିତ ମାମଲାର ତ୍ୱରିତ ଶୁଣାଣି ଉପରେ ଗୁରୁତ୍ୱ ଦେଲେ ଏସ୍.ଆଇ.ଟି.

ଏବଂ

- ହାଇକୋର୍ଟ ସମେତ ବିଭିନ୍ନ ଜିଲ୍ଲା ଅଦାଲତରେ ଅନୁଷ୍ଠିତ ହେଲା ରାଷ୍ଟ୍ରୀୟ ଲୋକ ଅଦାଲତ

## ରାଷ୍ଟ୍ରପତି ମହିଳା ଦିବସ

ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ କର୍ମକ୍ଷେତ୍ରରେ ମହିଳା ମାନଙ୍କ ଯୋଗଦାନର ଅଧିକ ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ନୂଆଦିଲ୍ଲୀରେ ଆଜି 'ନାରୀ ଶକ୍ତି ସେ ବିକଶିତ ଭାରତ' ଶୀର୍ଷକ ସମ୍ମିଳନୀରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ମହିଳାମାନେ ବିକଶିତ ଭାରତ ଗଠନର ନେତୃତ୍ୱ ନେଉଛନ୍ତି । କେନ୍ଦ୍ର ସରକାର ମଧ୍ୟ ମହିଳାମାନଙ୍କୁ ଆର୍ଥିକ ସାମାଜିକ ଭାବେ ସଶକ୍ତ କରାଇବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

**-V/O-**

## ଆକାଉଣ୍ଟ ସମର୍ପିତ-ପିଏମ୍

ମହିଳାମାନଙ୍କ ସମ୍ମାନାର୍ଥେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ସମର୍ପିତ କରିଛନ୍ତି । ଏହି ଉପଲକ୍ଷେ ଅନେକ ପ୍ରେରଣାଦାୟୀ ମହିଳାଙ୍କ ମଧ୍ୟରେ ଓଡ଼ିଆ ଆଣବିକ ବିଜ୍ଞାନୀ ଏଲିନା ମିଶ୍ର ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଆକାଉଣ୍ଟକୁ ପରିଚାଳନା କରିଥିଲେ । ଏଲିନା ବିଜ୍ଞାନ କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କ ଯୋଗଦାନ ପାଇଁ ଆହ୍ୱାନ ଦେଇଛନ୍ତି । ସେହିପରି ଦିବ୍ୟାଙ୍ଗ ପାଇଁ କାର୍ଯ୍ୟ କରୁଥିବା ସଂଗଠନ **ସମର୍ଥ୍ୟମ୍**ର ପ୍ରତିଷ୍ଠାତା ଡକ୍ଟର ଅଞ୍ଜଲୀ ଅଗ୍ରଓ୍ୱାଲ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ

ସାମାଜିକ ଗଣମାଧ୍ୟମରେ ସ୍ଥାନ ପାଇଛନ୍ତି।  ଡକ୍ଟର ଅଗ୍ରୱାଲ୍ ଆଗାମୀ ୨୦୩୦ ମସିହା ସୁଦ୍ଧା ସୁଗମ୍ୟ ଭାରତ ଗଠନ ନେଇ ଆଶା ବ୍ୟକ୍ତ କରିଛନ୍ତି।

**-V/O-**

## ସୁଭଦ୍ରା ସହାୟତା ରାଶି

ମହିଳାଙ୍କ ବିରୋଧରେ ହିଂସା ଏବଂ ଅସଦାଚରଣ କରୁଥିବା ବ୍ୟକ୍ତିଙ୍କ ସଭ୍ୟ ସମାଜରେ କୌଣସି ସ୍ଥାନ ନାହିଁ। ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି **ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ସହରର ଆମ୍ବପୁଆଠାରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାରା ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ବର୍ତ୍ତମାନସୁଦ୍ଧା ୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି। ଓଡ଼ିଶା ଏହି ଯୋଜନାକୁ କାର୍ଯ୍ୟକାରୀ କରି ଲକ୍ଷପତି ଦିଦି ସୃଷ୍ଟି କରିବାରେ ଦ୍ୱିତୀୟ ସ୍ଥାନ ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ମାଝୀ ଗଞ୍ଜାମ ଜିଲ୍ଲାରେ ୬୩୮ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେହିଭଳି ୧ କୋଟି ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ସହାୟତା ରାଶି ଦିଆଯାଇଛି।

## ମହିଳା ଦିବସ–ଜିଲ୍ଲା

ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାଙ୍କର ଅବଦାନ ଏବଂ ସଫଳତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଉଛି। ବର୍ତ୍ତମାନ ସମୟରେ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ନାରୀଶକ୍ତିର ପ୍ରଭାବ ପରିଲକ୍ଷିତ ହେଉଛି। ସ୍ୱାଭିମାନୀ, ସ୍ୱାବଲମ୍ବୀ ଏବଂ ସ୍ୱତନ୍ତ୍ରତାକୁ ପ୍ରାଧାନ୍ୟ ଦେଇ ଆଜିର ନାରୀ ପାଲଟିଛି ପ୍ରଶଂସାର କେନ୍ଦ୍ରବିନ୍ଦୁ। ୧୯୭୫ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଆଜିର ଦିନକୁ ମହିଳା ଦିବସ ଭାବେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲା । ଚଳିତବର୍ଷ ମହିଳା ଓ ବାଳିକା ମାନଙ୍କ ପାଇଁ 'ଅଧିକାର, ସମାନତା ଓ ସଶକ୍ତୀକରଣ'ର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି ।

**ଆକାଶବାଣୀ** କଟକ କେନ୍ଦ୍ର ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ଯୋଗଦେଇ ସଂସ୍ଥାନର ଅଭିଯାନ୍ତ୍ରିକ ନିର୍ଦ୍ଦେଶକ ଭି.ଏମ୍. ରତ୍ନପ୍ରସାଦ କହିଛନ୍ତି, ମହିଳାମାନେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ ଓ ସମୃଦ୍ଧ ହେଉଛନ୍ତି। ନାରୀ ସଶକ୍ତୀକରଣ ଅପେକ୍ଷା ଆତ୍ମ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି। ଏଥିପାଇଁ ନାରୀମାନେ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ ବୋଲି ଶ୍ରୀ ରତ୍ନପ୍ରସାଦ କହିଛନ୍ତି। କାର୍ଯ୍ୟକ୍ରମ ପ୍ରମୁଖ ମାନସ ରଞ୍ଜନ ନାୟକ ମଧ୍ୟ ସଶକ୍ତ ସମାଜ ଗଠନରେ ନାରୀମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ନିଷ୍ପାଦକ ସୁମିତ୍ରା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଚଳିତବର୍ଷର ଶୀର୍ଷକ 'ମହିଳା ଓ ବାଳିକାମାନଙ୍କ ପାଇଁ ଅଧିକାର ସମାନତା ଓ

ସଶକ୍ତୀକରଣ' ସମ୍ପର୍କରେ ଉଦ୍‌ଘୋଷିକା ସଦ୍ୟସ୍ମିତା ବେହେରା ଆଲୋକପାତ କରିଥିଲେ। ଉଦ୍‌ଘୋଷିକା କର୍ପୂରୀ ମୁର୍ମୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ **ଦେବଗଡ଼** ସମବାୟ ସମିତି ପକ୍ଷରୁ ଏକ ସଚେତନତା ରାଲି ସମବାୟ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ପରେ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମହିଳା ମାନଙ୍କର ସମାଜ ପ୍ରତି ଥିବା ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଯାଇଥିଲା।

**କୋରାପୁଟ** ଜିଲ୍ଲା ପୁଲିସ୍ ପରେଡ୍ ପଡିଆରେ ଜିଲ୍ଲାସ୍ତରୀୟ ମହିଳା ଦିବସ ଜିଲ୍ଲାପାଳ ଭି.କିର୍ତ୍ତୀଭାସନ୍‌ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି।

## ଏସ୍‌ଆଇଟି ବୈଠକ

କଳାଧନକୁ ଠାବ କରିବା ସହ ସେ ସମ୍ପର୍କିତ ମାମଲାର ତ୍ୱରିତ ଶୁଣାଣି ଉପରେ ତଦନ୍ତକାରୀ ସଂସ୍ଥା ପଦକ୍ଷେପ ନେବାକୁ ଏସ୍.ଆଇ.ଟି. ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏସ୍.ଆଇ.ଟି.ର ଉପାଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ କଟକଠାରେ ବୈଠକ ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଭାଗୀୟ

ଅଧିକାରୀଙ୍କୁ କଳାଧନ ସମ୍ପର୍କିତ ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ ପଦକ୍ଷେପ ନେବାକୁ ଜଷ୍ଟିସ୍ ପଶାୟତ ନିର୍ଦ୍ଦେଶ ଦେଇଛନ୍ତି । ଇତି ମଧ୍ୟରେ ୧୦ଟି ମାମଲାର ଅନ୍ତରୀଣ ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇସାରିଥିବା ବୈଠକରୁ ସୂଚନା ମିଳିଛି ।

## ଲୋକ ଅଦାଲତ

ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଅଦାଲତରେ ଅନୁଷ୍ଠିତ ହୋଇଛି । ହାଇକୋର୍ଟରେ ୮ ଜଣ ବିଚାରପତି ବିଭିନ୍ନ କୋର୍ଟରେ ମାମଲାଗୁଡ଼ିକର ଆପୋଷ ସମାଧାନ କରିଛନ୍ତି । ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ କୋର୍ଟରେ ଲୋକ ଅଦାଲତ ପାଇଁ ପ୍ରାୟ ଅଢ଼େଇ ଲକ୍ଷ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି ।

**ସମ୍ବଲପୁର** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଛି । ଏଥିରେ ଫୌଜଦାରୀ, ବ୍ୟାଙ୍କ ଋଣ, ରାଜସ୍ୱ, ଚେକ୍ ବାଉନ୍‌ସ୍, ମୋଟର ଦୁର୍ଘଟଣା, ବିଦ୍ୟୁତ, ଜଳ ଓ ପାରିବାରିକ ସମ୍ବନ୍ଧୀୟ ମାମଲାର ବିଚାର କରାଯାଇ ସମାଧାନ କରାଯାଇଛି ।

**ବୌଦ୍ଧ** ଜିଲ୍ଲା ନ୍ୟାୟାଳୟ ପରିସରରେ ଜିଲ୍ଲା ଦୌରାଜଜ୍ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକଅଦାଲତ ଆୟୋଜିତ

ହୋଇଛି। ଏଥିରେ ୮୨ଟି ବିଚାରାଧୀନ ମାମଲାର ଶୁଣାଣି କରାଯାଇଥିଲା। ତେବେ ୨୮ଟି ବ୍ୟାଙ୍କ ସମ୍ପର୍କିତ ମାମଲାର ଆପୋଷ ସମାଧାନ କରି ଅର୍ଥ ଆଦାୟ କରାଯାଇଛି।

**କଳାହାଣ୍ଡି** ଜିଲ୍ଲା ଦୌରାଜଜ୍ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ୨ ହଜାର ୪୭୮ଟି ମାମଲାର ଫଇସଲା କରାଯାଇଛି। ୧୩ଟି ମୋଟର ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୯ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସେହିପରି **ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ ଅନୁଷ୍ଠିତ ହୋଇ ୩ ହଜାର ୬୯୦ଟି ମାମଲାର ତ୍ୱରିତ ସମାଧାନ କରାଯାଇ ଜୋରିମାନା ବାବଦକୁ ୪୩ ଲକ୍ଷ ୧୦ ହଜାର ୧୨୧ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକଅଦାଲତରେ ୪ହଜାର ୬୬୫ଟି ମାମଲାକୁ ବିଚାରକୁ ନିଆଯାଇଥିଲା।

**ମାଲକାନଗିରି** ଜିଲ୍ଲାଜଜ୍ ପ୍ରସନ୍ନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୫ ହଜାର ୫୮୧ଟି ମାମଲାର ଫଇସଲା କରାଯାଇ ୩୮ ଲକ୍ଷ ୧୭ ହଜାର ୩୮ଟଙ୍କା ଆଦାୟ ହୋଇଛି।

## ହୀରାକୁଦ

ସମ୍ବଲପୁରସ୍ଥିତ ହୀରାକୁଦ ଡ୍ୟାମ୍‌ର ବାମପାର୍ଶ୍ୱ ବନ୍ଧରେ ନିର୍ମାଣାଧିନ ଅତିରିକ୍ତ ସ୍ପିଲ୍-ଓ୍ୱେ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବ । ଏଥିପାଇଁ ଆଜି ଏକ ୯ ଜଣିଆ ଦଳ ହୀରାକୁଦ ଡ୍ୟାମ୍ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ତଳମୁଣ୍ଡରେ ଧନଜୀବନ ରକ୍ଷା, ଉଦ୍ଭିଦ ଓ ଜୀବଜନ୍ତୁଙ୍କ ସୁରକ୍ଷା ଏବଂ ନଦୀର ପର୍ଯ୍ୟାବରଣ କ୍ଷୟକୁ ହ୍ରାସ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଏହି କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ୮୪୪ କୋଟି ଟଙ୍କା ବ୍ୟୟ ବରାଦରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ହୀରାକୁଦ ମୁଖ୍ୟ ଯନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଦଳରେ ବରିଷ୍ଠ ଯନ୍ତ୍ରୀ ଏବଂ ବିଶ୍ୱବ୍ୟାଙ୍କ ଅଧିକାରୀଗଣ ସାମିଲ ଅଛନ୍ତି ।

## ଦୁର୍ଘଟଣା

**କନ୍ଧମାଳ** ଜିଲ୍ଲା ଜି.ଉଦୟଗିରି ଥାନା ଅନ୍ତର୍ଗତ ଶ୍ରୀକଲା ନିକଟରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକମାନଙ୍କ ଘର କଳିଙ୍ଗା ଗ୍ରାମର ବୋଲି ସୂଚନା ମିଳିଛି । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୁଲିସ୍ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ କାର୍ ଚାଳକ ଓ ଅନ୍ୟ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି ।

## ଆଇନ୍ ସଚେତନତା

**ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଷ୍ୟସନ୍ତାନ ଗ୍ରହଣର ନୂଆ ଆଇନ୍ ୨୦୨୨ ଏବଂ କୁମାରୀ ମାତୃତ୍ୱ ହ୍ରାସ ଦିଗରେ ଏକ ସଚେତନତା କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଏହି ଆଇନ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## ଫିଟ୍ ଇଣ୍ଡିଆ

କଟକ ସତ୍ୟବ୍ରତ ଷ୍ଟାଡିୟମ୍‌ଠାରେ ଆଜି ଫିଟ୍ ଇଣ୍ଡିଆ : କଳିଙ୍ଗ କନ୍ୟା ଐତିହ୍ୟ ଏବଂ ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରତୀୟ କ୍ରୀଡା ପ୍ରାଧିକରଣ ପକ୍ଷରୁ ମହିଳାଙ୍କ ସଶକ୍ତୀକରଣ ଏବଂ ଫିଟ୍‌ନେସ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ପାଇକ ଆଖଡା, ମଲଖମ୍ବ, ଯୋଗ ଆଦି ସ୍ୱଦେଶୀ କ୍ରୀଡା ପ୍ରଦର୍ଶିତ ହୋଇଥିଲା ।

## ଫୁଟ୍‌ବଲ୍

**ବୌଦ୍ଧ** ଜିଲ୍ଲା ଫୁଟବଲ୍ ସଂଘ ପକ୍ଷରୁ ଅନୁଷ୍ଠିତ ସର୍ବଭାରତୀୟ ଡି.ଏସ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ କଟକ ଦଳ ବିଜୟୀ ହୋଇଛି । ବିଜୟୀ ଦଳ ବକ୍ସର ବିହାର ଦଳକୁ ୧/୦ ଗୋଲ୍‌ରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ଫାଇନାଲ୍‌ରେ କଟକ ଏମ୍‌ଇଜି ସେଣ୍ଟର ବାଙ୍ଗାଲୋର ଦଳକୁ ଭେଟିବ ।